Chapter- 4

# ଶରତ-ନଈ-କୂଳେ

**STUDY NOTES**

## MIND MAP



ଶରତ ଋତୁରେ ନଈକୂଳରେ ଥିବା ଏକ ସୁନ୍ଦର ଆମ୍ବ ଗଛର ଛାଇରେ କବି ବସିଛନ୍ତି। ପ୍ରକୃତିର ସବୁଜିମାଭରା ସୁନ୍ଦର ଦୃଶ୍ୟକୁ ଦେଖି ସେ ବେଶ୍ ବିଭୋର ହୋଇଉଠିଛନ୍ତି। ତାଙ୍କର ଆଖି ଦୁଇଟି ଭ୍ରମର ପରି ସୌନ୍ଦର୍ଯ୍ୟକୁ ଦେଖି ଚାଲିଛି। ଛାଇ ଆଲୁଅର ଲୁଚକାଳି ଖେଳ ମଧ୍ୟରେ ନଈର ଜଳଧାରା ବହିଚାଲିଛି ଓ ବେଶ୍ ମନୋହର ଦିଶୁଛି। ସେହି ନଈର ଲହରୀମାଳାରେ ପବନ ଧୀରେ ଧୀରେ ଗଛକୁ ହଲାଇ ପତ୍ରସବୁ ଝଡ଼ାଇ ପକାଇ ଦେଉଛି। ସେହି ନଈ ସୁଅର ଗୋଟିଏ ପାଖରେ ବଗଟିଏ ମଉନରେ ଶିକାର ଉଦ୍ଦେଶ୍ୟରେ ବସିଛି। ଯାହା ପାଉଛି, ବେଶ୍ ଆନନ୍ଦରେ ନିଜ ମୁହଁରେ ଭରି ଦେଉଛି। ଗେଣ୍ଡାଳିଆଟିଏ ସେଇ ନଈକୂଳରେ ଝାମ୍ପମାରି ନୀଳ ଆକାଶକୁ ଉଠିଯାଉଛି। ନଈ ଆରପାରିରେ ଗାଈବାଛୁରୀ ପଲ ସବୁଜ ପଡ଼ିଆରେ ଚରୁଥିବାର ଦେଖାଯାଉଛି। ସେହିଠାରେ ଗୋପାଳ ବାଳକ ରହି ବଂଶୀର ସ୍ୱରରେ ଗୀତ ଗାଉଛି, ଯାହାରମୂର୍ଚ୍ଛନା ତାଳଦେଇ ମାତିଉଠୁଛି।

ନଈର ଏପଟରେ ଗଙ୍ଗଶିଉଳି ଫୁଲ ଫୁଟିଛି। ତା'ର ସୁମଧୁର ମହକ ପବନରେ ଭାସି ଆସୁଛି। ସେହି ସମଧୁର ମହକରେ କବିଙ୍କର ମନ ବିହ୍ୱଳ ହୋଇ ତା' ସହିତ ଘୂରିବୁଲୁଛି। ସେହି ସମୟରେ ଆକାଶରେ ଶଙ୍ଖଚିଲ ଉଡ଼ିବୁଲି ରହି ରହି ଡାକୁଛି। ଦୂରରେ ଯେଉଁ ବାଳକମାନେ ଥିଲେ, ସେମାନେ ଉଚ୍ଚସ୍ୱରରେ କହିଉଠିଲେ "ହେଇରେ ଭାଇ! ବିଜୟ ସମ୍ପଦକୁ ଦେଖ।" ଶରତର ଏଇ ଶୁଭ ଅବସରରେ ଧୂସର ଆକାଶରେ ସୁନୀଳ ବଉଦ ଉଡ଼ିଯାଉଛି। ଉପରେ ମେଘମାଳ, ତଳେ ନଈ ବହିଯାଉଛି। କବି କହୁଛନ୍ତି ଏପରି ଏକ ପରିବେଶକୁ ଦେଖି ମୋ ମନରେ ସତେ ଯେପରି କିଏ କହୁଛି ଏ ସୃଷ୍ଟିର ଜନଜୀବନରେ ଆମେ ସୌନ୍ଦର୍ଯ୍ୟକୁ ଭରିଦେଉଛୁ।

ODM EDUCATIONAL GROUP Changing your Tomorrow